# ପିଲାଙ୍କ ଧରିତ୍ରୀ

ଶନିବାର, ୯ ଫେବୃୟାରୀ, ୨୦୧୯



ଆସ ପାଳିବା ସରସ୍ୱତୀ ପୂଜା ୩



୮ ଆଇନା

୭ ଜଣା -ଅଜଣା

## ମତାମତ

➢ ପ୍ରକାଶିତ ଗପ 'ଗଜରାଜ ଓ ମାହୁନ୍ତ' ବେଶ୍ ଶିକ୍ଷଣୀୟ ହୋଇଛି। ଗପ ସଂଖ୍ୟା ବଢାଇଲେ ଏହା ଆହୁରି ଆଦୃତ ହୋଇପାରନ୍ତା। ଚଗଲା ଭୀମୁ ପଢିବାକୁ ମଜା ଲାଗୁଛି।

– ମୋନିକା ପ୍ରଧାନ, ଲୋକନାଥ ରୋଡ୍, ପୁରୀ

➢ ଭୂଗୋଳ କଥାରେ ପ୍ରକାଶ ପାଉଥିବା ମହାଦେଶଗୁଡିକର ମହାଭ୍ରମଣ ଜାଣିବା ଉପଯୋଗୀ ହୋଇଛି। ଏହିଭଳି ଲେଖା ପ୍ରକାଶ କରିଥିବାରୁ ଧନ୍ୟବାଦ।

– ପ୍ରଣତି ନନ୍ଦ, ନରେନ୍ଦ୍ରପୁର, ଗଞ୍ଜାମ

➢ ଆସ ଜାଣିବାରୁ 'ଅନ୍ତରାଷ୍ଟ୍ରୀୟ ଗୁପ୍ତଚର ସଂଗ୍ରହାଳୟ' ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

– ମାନସ ସାହୁ, ଢୁବୁରୀ, ଯାଜପୁର

➢ ସୃଜନାତ୍ମକ କଳା ବେଶ୍ ସୁନ୍ଦର ଲାଗୁଛି। କହିଲ ଦେଖିର ଉତ୍ତର ସତରେ ଶିକ୍ଷଣୀୟ।

– ଅଭୟ ମହାରଣା, କାକୁଡିଆ, ଜଟଣୀ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



## ଖିଲି ଖିଲି ହସ



ଗୋଲୁ: ମୋନୁ, କହିଲୁ ଥଣ୍ଡା ପାଗ ଅଛି ବୋଲି କେମିତି ଜାଣିବା ?
ମୋନୁ: ତୁ ଜାଣିନୁ ? ଯେତେବେଳେ ଦେଖିବୁ ପାଟିରୁ ଧୂଆଁ ବାହାରୁଛି ।

ପିଙ୍କି: ଜାଣିଛୁ ଅଞ୍ଜଳି, ବିଲେଇ ଆଉ ଗାଈ ଦୁଇଭଉଣୀ।
ଅଞ୍ଜଳି: କେମିତି ?
ପିଙ୍କି : କାହିଁକିନା, ଗାଈକୁ 'ଗୋମାତା' ଆଉ ବିଲେଇକୁ 'ପୁଷି ମାଉସୀ' ବୋଲି କୁହାଯାଏ...ଏହିପରି ସେମାନେ ହେଲେ ଦୁଇଭଉଣୀ।

ଅଞ୍ଜୁ: ଗୋଟିଏ କାନ୍ଥକୁ ଯଦି ଛଅଜଣ ମଜୁରିଆ ଦୁଇଦିନରେ କରି ଦେଉଛନ୍ତି , ତେବେ ତିନିଜଣ ମଜୁରିଆ ସେହି କାନ୍ଥକୁ କେତେ ଦିନରେ ଗଢ଼ିଦେବେ ?
ସଞ୍ଜୁ: ଗୋଟିଏ ଦିନରେ ବି ନୁହେଁ
ଅଞ୍ଜୁ:କାହିଁକି ?
ସଞ୍ଜୁ: ଆଗରୁ ତିଆରି ହୋଇଥିବା କାନ୍ଥକୁ ଆଉଥରେ ଗଢ଼ିବା କ'ଣ ଜରୁରୀ ?

## ଗପ

# ଉଚିତ ଶିକ୍ଷା




ବବୁଲ୍ ଓ ଗୁଗୁଲ୍ ଦୁଇ ବନ୍ଧୁ। ଗୋଟିଏ ଶ୍ରେଣୀରେ ପଢ଼ନ୍ତି। ସାଙ୍ଗ ହୋଇ ବସନ୍ତି ଗୋଟିଏ ସ୍ଥାନରେ। ଗୁଗୁଲ୍ ସ୍ୱଭାବରେ ଉତ୍ତମ, କିନ୍ତୁ ବବୁଲ୍ ଥିଲା ଟିକେ ଦୁଷ୍ଟ।

ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ପିଲାମାନେ ନିଅନ୍ତି ମାଆ ହାତରନ୍ଧା ଖାଦ୍ୟ। କେହି କେହି ମଧ ନେଇଥାଆନ୍ତି ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ। କେତେକ ପିଲା ବେଳେବେଳେ ନେଇଯାଆନ୍ତି କିଛି ଟଙ୍କା। ଯେଉଁ ଟଙ୍କାରେ ସେଠାକୁ ବିକ୍ରି କରିବାକୁ ଆସୁଥିବା ଉଠା ଦୋକାନୀଙ୍କଠାରୁ ଖାଇ ଦିଅନ୍ତି କିଛି କିଣି।

ଦିନେ ଗୁଗୁଲ୍‌ର ମା'ଙ୍କର ଦେହ ବହୁତ ଅସୁସ୍ଥ ହୋଇଥାଏ। ସେଦିନ ମା' ତା' ପାଇଁ କିଛି ରାନ୍ଧି ପାରିଲେନି। ତେଣୁ ସେ ଦଶଟଙ୍କା ନେଇ ଚାଲିଗଲା ବିଦ୍ୟାଳୟ, ଯଦ୍ଦ୍ୱାରା ମଧ୍ୟାହ୍ନଭୋଜନ ସମୟରେ ଦୋକାନରୁ କିଛି କିଣି ଖାଇପାରିବ। ସେ ଦଶଟଙ୍କାଟିକୁ ରଖିଥାଏ ଶାର୍ଟ ପକେଟ୍‌ରେ। କେତେବେଳେ ସେଇଟି ତଳେ ପଡିଯାଇଛି, ତାହା ଜଣା ନ ଥାଏ ତାକୁ। କିନ୍ତୁ ବବୁଲ୍ ଟଙ୍କାଟି ପଡ଼ିଯିବା ଦେଖି ତାକୁ ଦେବା ବଦଳରେ ନିଜେ ନେଇଗଲା।

ମଧ୍ୟାହ୍ନଭୋଜନ ସମୟ। ପିଲାମାନେ ଆଣିଥିବା ନିଜ ନିଜ ଖାଦ୍ୟ ଖାଇଲେ। ଗୁଗୁଲ୍ ଦଶଟଙ୍କାଟିକୁ ଯେତେ ଖୋଜିଲେ ମଧ ପାଇଲା ନାହିଁ। ତେଣୁ ସେଦିନ ସେ କିଛି ନ ଖାଇ ରହିଲା ଉପବାସ। ତାକୁ ଭାରି ଭୋକ ଲାଗୁଥାଏ। ତଥାପି ବବୁଲ୍ ତା' ଦଶଟଙ୍କା ଦେଲା ନାହିଁ କି ନିଜ ଖାଦ୍ୟରୁ ମଧ କିଛି ଦେଲାନି।

ସମୟ ଗଡ଼ି ଚାଲିଲା। ଅଳ୍ପଦିନ ପରେ ବାର୍ଷିକ ପରୀକ୍ଷା ହେବ। ଗୁରୁଜୀ କହିଲେ, ସେଥିପାଇଁ ୩୦ ଟଙ୍କା ଦେବେ ପ୍ରତି ପିଲା। ସେଦିନ ଶେଷ ଦିନ। ୩୦ ଟଙ୍କା ଆଣିଥାଏ ବବୁଲ୍। ଯେତେବେଳେ ଗୁରୁଜୀ ତାକୁ ମାଗିଲେ, ସେ ଅନେକ ଖୋଜିବା ପରେ ମଧ୍ୟ ଆଣିଥିବା ଟଙ୍କା ପାଇଲା ନାହିଁ। ଅସଲରେ ସେ ଖେଳୁଥିବା ବେଳେ କେଉଁଠି ପଡିଯାଇଥିଲା ତା' ଟଙ୍କା। ସେ ବହୁତ କାନ୍ଦିଲା ସେଦିନ। ଘରକୁ ଆସି ବାପାଙ୍କଠାରୁ ମାଡ଼ ଖାଇଲା।

ସେ ଦିନ ସେ ବୁଝି ପାରିଥିଲା। କାହାଠାରୁ ଟଙ୍କାଟିଏ ନେଲେ, ତାହା ଯାଏ ତିନିଗୁଣା ହୋଇ। ଉଚିତ ଶିକ୍ଷା ପାଇଲା ସେ। ତା'ପରଠାରୁ ଜୀବନରେ ସେ ଅନୁଚିତ ଉପାୟରେ କେବେ କାହାଠାରୁ କିଛି ନେଇନାହିଁ ।

– ଲକ୍ଷ୍ମୀଧର ନାୟକ, ବାଉଁଶିଆପଡ଼ା, ନୟାଗଡ଼
ମୋ: ୮୨୭୦୩୭୨୪୯୮

## ଚଗଲା ଭୀମୁ





ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ଆବାହନ ଏବଂ ବନ୍ଦନା କରିବା ଲାଗି ଏବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା। ତେବେ ଏହି ପୂଜାକୁ ପିଲାମାନେ କିଭଳି ପାଳନ କରିବାକୁ ଯୋଜନା କରିଛନ୍ତି ସେ ସମ୍ପର୍କରେ....

# ଆସ ପାଳିବା ସରସ୍ୱତୀ ପୂଜା







**❖ମା' ସରସ୍ୱତୀଙ୍କୁ ସଦ୍‌ବିଦ୍ୟା, ସଦ୍‌ବୁଦ୍ଧି ଲାଗି ପ୍ରାର୍ଥନା କରିବି:** ବର୍ଷସାରା ବିଭିନ୍ନ ପୂଜାପାର୍ବଣ ଲାଗି ରହିଥାଏ। ତେବେ ସ୍କୁଲରେ ପାଳନ ହେଉଥିବା ବିଭିନ୍ନ ପୂଜା ବେଶ ଆନନ୍ଦ ଦେଇଥାଏ। ଏହି ବର୍ଷ ସରସ୍ୱତୀ ପୂଜାରେ ଆମେ ସ୍କୁଲର ଛାତ୍ରୀଛାତ୍ର ମିଶି ପୂଜା ମଣ୍ଡପ ସଜାଇବୁ। ବିଭିନ୍ନ ଫୁଲ, ରଙ୍ଗିନ କାଗଜ ତଥା ଆଲୋକ ମାଳାରେ ସ୍କୁଲ କକ୍ଷ ସଜାଇବା ପାଇଁ ସମସ୍ତ ପ୍ରସ୍ତୁତି ସରିଯାଇଛି। ପୂଜା ଦିନ ନୂଆ ଡ୍ରେସ୍ ପିନ୍ଧି ଭୋଗ ଥାଳି ଧରି ସ୍କୁଲକୁ ଯିବି ଏବଂ ମା' ସରସ୍ୱତୀଙ୍କୁ ସଦ୍‌ବିଦ୍ୟା, ସଦ୍‌ବୁଦ୍ଧି ଲାଗି ପ୍ରାର୍ଥନା କରିବି।

– **ସୁସ୍ମିତା କୁମାରୀ ସାହୁ,** କ୍ଲାସ୍-୮, ବ୍ଲକ୍ କଲୋନୀ ୟୁପି ସ୍କୁଲ, ଜି.ଉଦୟଗିରି, କନ୍ଧମାଳ



**❖ ପୂଜା କରିବା ସହ ପୁଷ୍ପାଞ୍ଜଳି ଦେବି:** ଏହି ଦିନ ସକାଳୁ ଉଠି ଭୋଗଡାଲା ଧରି ସ୍କୁଲକୁ ଯିବି। ଭକ୍ତି ମନରେ ମା' ସରସ୍ୱତୀଙ୍କୁ ପୂଜା କରିବା ସହ ପୁଷ୍ପାଞ୍ଜଳି ଦେବି। ଏହାପରେ ପ୍ରସାଦ ସେବନ କରି ସାଙ୍ଗମାନଙ୍କ ସହ ମିଶି ଅନ୍ୟ ସ୍କୁଲକୁ ବୁଲିଯିବା ପାଇଁ ଯୋଜନା କରିଛି।

– **ପ୍ରତ୍ୟୁଷ ଦାସ,** କ୍ଲାସ୍- ୩, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ



**❖ସମସ୍ତ ଛାତ୍ରୀଛାତ୍ର ବେଶ ଧୁମ୍‌ଧାମ୍‌ରେ ପାଳନ କରିଥାଉ:** ମା' ସରସ୍ୱତୀ ବିଦ୍ୟାର ଦେବୀ। ତେଣୁ ଉତ୍ତମ ବିଦ୍ୟା ଲାଗି ପ୍ରତ୍ୟେକ ଛାତ୍ରୀଛାତ୍ର ତାଙ୍କୁ ନିଷ୍ଠାର ସହ ବନ୍ଦନା କରିବା ଆବଶ୍ୟକ। ଆମ ସ୍କୁଲର ନାଁ ଯେହେତୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତେଣୁ ଆମ ଗୁରୁମା ଗୁରୁଜୀ ତଥା ସମସ୍ତ ଛାତ୍ରୀଛାତ୍ର ଏହି ଦିନଟିକୁ ବେଶ ଧୁମ୍‌ଧାମ୍‌ରେ ପାଳନ କରିଥାଉ। ସ୍କୁଲରେ ହୋମଯଜ୍ଞ ହେବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

– **ଚିନ୍ମୟୀ ଶୁଭଙ୍କରୀ ଦାଶ,** କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭଣ୍ଡାରିଡିହ, କେନ୍ଦୁଝର



**❖ ପୂଜା ପାଇଁ ସ୍କୁଲ ପକ୍ଷରୁ ସବୁ ଆୟୋଜନ ଚାଲିଛି:** ଏଥର ସରସ୍ୱତୀ ପୂଜା ସ୍କୁଲରେ ପାଳନ କରିବି। ଏଥିପାଇଁ ଆମ ସ୍କୁଲ ପକ୍ଷରୁ ସବୁ ଆୟୋଜନ ଚାଲିଛି। ଆମେ ସବୁ ପିଲାମାନେ ମିଶି ଏଥିରେ ନିଶ୍ଚୟ ଭାଗ ନେବୁ। ପୂଜା ସରିବା ପରେ ସ୍କୁଲ୍‌ରେ ପ୍ରସାଦ ସେବନ କରିବୁ।

–**ରୋଶନ ମିଶ୍ର,** କ୍ଲାସ-୫, ସେଣ୍ଟ ଜାଭିୟର ହାଇସ୍କୁଲ୍, ଜଗତ୍‌ସିଂହପୁର



**❖ପୂଜା ପରେ ପ୍ରସାଦ ପାଇବୁ:** ସରସ୍ୱତୀ ପୂଜା ଦିନ ସକାଳୁ ଉଠି ନିତ୍ୟ କର୍ମସାରି ସ୍କୁଲ୍‌କୁ ଯିବି। ସେଠାରେ ମା'ଙ୍କ ପୂଜା ହେବ। ପୂଜା ସାରି ପ୍ରସାଦ ପାଇବୁ। ଏହାପରେ ସାଙ୍ଗସାଥୀ ମିଶି ଘରକୁ ଫେରିବୁ।

–**ଶୁଭ୍ରାଂଶୁ ମିଶ୍ର,** କ୍ଲାସ-୬, ସରସ୍ୱତୀ ଶିଶୁ ମନ୍ଦିର, ଡାବର, ଜଗତ୍‌ସିଂହପୁର



**❖ବିଦ୍ୟାଳୟ ପରିସରକୁ ରଙ୍ଗିନ ପତାକାରେ ସଜାଇବୁ :** ବଡଭାଇମାନଙ୍କ ସହିତ ଏବର୍ଷ ନିଆରା ଢଙ୍ଗରେ ସରସ୍ୱତୀ ପୂଜା ପାଳିବି। ସକାଳୁ ମା'ଙ୍କ ପାଇଁ ଫୁଲ ତୋଳିବା ସହ ନୂଆ ଡ୍ରେସ୍ ପିନ୍ଧି ସ୍କୁଲ ଯିବି। ବିଦ୍ୟାଳୟ ପରିସରକୁ ରଙ୍ଗିନ ପତାକା ଓ ମା'ଙ୍କ ବିଜେସ୍ଥଳୀକୁ ଆଲୋକମାଳାରେ ସଜାଇ ସରସ୍ୱତୀଙ୍କ ବନ୍ଦନା କରିବୁ। ଏହା ବ୍ୟତୀତ ଭୋଜିଭାତର ଆୟୋଜନ ମଧ୍ୟ କରିଛୁ।

– **ପୃଥ୍ୱୀରାଜ ବେହେରା,** କ୍ଲାସ-୯, ରାଜନଗର ହାଇସ୍କୁଲ, କେନ୍ଦ୍ରାପଡା



**❖ବିଦ୍ୟାଦାତ୍ରୀଙ୍କ ଆଶୀର୍ବାଦ ଭିକ୍ଷା କରିବି :** ମା' ସରସ୍ୱତୀଙ୍କ ପୂଜା ପାଇଁ ମୁଁ ଉତ୍ସାହର ସହ ଅପେକ୍ଷା କରିଛି। ପୂଜାଦିନ ସକାଳୁ ଉଠି ଗାଧୋଇ ନୂଆଡ୍ରେସ ପିନ୍ଧିବି। ମା'ଙ୍କ ଲାଗି ଫୁଲ, ଦୀପ ସଜାଡି ସ୍କୁଲ ଯିବି। ପୁଷ୍ପାଞ୍ଜଳି ଦେଇ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ଆଶୀର୍ବାଦ ଭିକ୍ଷା କରିବି। ବିଦ୍ୟାଳୟରେ ଭୋଜିଭାତର ଆୟୋଜନ ହୋଇଛି। ଏଥିରେ ସାମିଲ ହୋଇ ଢେର ମଜା ଉଠାଇବି।

– **ଅର୍ମାନ୍ ଦାସ,** କ୍ଲାସ-୯, ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ, ଭବାନୀପାଟଣା



**❖ସାଙ୍ଗଙ୍କ ସହିତ ବୁଲାବୁଲି କରିବି:** ପ୍ରତିବର୍ଷ ସରସ୍ୱତୀ ପୂଜାରେ ମୁଁ ନୂଆ ଡ୍ରେସ୍ ପିନ୍ଧି ସ୍କୁଲ ଯାଏ। ଆଗରୁ ମତେ ସ୍କୁଲରେ ମା' ବାପା ନେଇ ଛାଡୁଥିଲେ। ତେବେ ଏବର୍ଷ ମୁଁ ସାଇକେଲ ଚଳାଇ ସ୍କୁଲକୁ ଯିବି। ଏଥର ମୋ ପାଇଁ ବାପା ଜିନ୍ସ ପ୍ୟାଣ୍ଟ ଆଉ ଗୋଟେ ଟି ସାର୍ଟ ଆଣିଛନ୍ତି। ଆମ ସ୍କୁଲରେ ପୂଜା ଲାଗି ଶହେ ଟଙ୍କା ଫି ନେଇଛନ୍ତି। ସ୍କୁଲରେ ଭୋଜି ହେବ ବୋଲି ମ୍ୟାଡାମ୍ ମୋ ଡାଏରୀରେ ଲେଖିଛନ୍ତି। ସରସ୍ୱତୀ ପୂଜା ଦିନ ମୁଁ ମୋ ସାଙ୍ଗଙ୍କ ସହିତ ସ୍କୁଲ ପାଖରେ ବୁଲାବୁଲି କରିବି। ସେଥିଲାଗି ବାପାଙ୍କୁ ୨୦ ଟଙ୍କା ମାଗିଛି।


–**ଶେଖ୍ ଅବଦୁଲ୍ ଦାନୀଶ୍ ଆଲମ୍,** ଷ୍ଟାଣ୍ଡାର୍ଡ-୬, ଭେଙ୍କଟେଶ୍ୱର ଇଂଲିଶ୍ ମିଡ଼ିୟମ୍ ସ୍କୁଲ, ୟୁନିଟ୍-୪, ଭୁବନେଶ୍ୱର



**❖ପୁଷ୍ପାଞ୍ଜଳି ଦେଇ ବିଦ୍ୟାଦାତ୍ରୀଙ୍କ ଆଶୀର୍ବାଦ କାମନା କରିବା ପରେ ପ୍ରସାଦ ସେବନ କରିଥାଉ:** ସ୍କୁଲରେ ପାଳନ ହେଉଥିବା ପୂଜାପର୍ବ ମଧ୍ୟରୁ ସରସ୍ୱତୀ ପୂଜା ଅନ୍ୟତମ। ପୂଜାର ଦୁଇଦିନ ପୂର୍ବରୁ ଏଥି ଲାଗି ସାଜସଜ୍ଜା ଆରମ୍ଭ ହୋଇଯାଏ। ଶ୍ରେଣୀ ଗୃହକୁ ଧୁଆପୋଛା କରି ପରିଷ୍କାର କରିବା ପରେ ପୂଜା ମଣ୍ଡପକୁ ଆମ୍ବଡାଳ, ଫୁଲ ଓ ରଙ୍ଗିନ କାଗଜରେ ସଜାଯାଇଥାଏ। ପୂଜା ଦିନ ସ୍କୁଲକୁ ପୁରୋହିତ ଆସି ମା' ସରସ୍ୱତୀଙ୍କୁ ଆବାହନ କରନ୍ତି, ହୋମ ହୁଏ, ପୁଷ୍ପାଞ୍ଜଳି ଦେଇ ବିଦ୍ୟାଦାତ୍ରୀଙ୍କ ଆଶୀର୍ବାଦ କାମନା କରିବା ପରେ ପ୍ରସାଦ ସେବନ କରିଥାଉ।

– **ମାହେଶ୍ୱରୀ ନାୟକ,** କ୍ଲାସ- ୬, ଆଦର୍ଶ ବିଦ୍ୟାଳୟ, ଶାଳପଡା, କେନ୍ଦୁଝର


୧


୨



୫



୧୧


୬


୭


୩


୪


୧୨


୮


୯


୧୦


ଜସ୍ମିନ ଜେନା
କ୍ଲାସ-୭,
ଲୟୋଲା ସ୍କୁଲ୍,
ଭୁବନେଶ୍ୱର
୧୨

୧୧
ସମ୍ଭନ ପଟ୍ଟନାୟକ
କ୍ଲାସ-୩,
ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ୍,
ଭୁବନେଶ୍ୱର



ସୁଜାତା ସାହୁ
କ୍ଲାସ-୭,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଲୋଘର,
ଖଲ୍ଲିକୋଟ୍
୧

ମନୋଜ ନାହାକ
କ୍ଲାସ-୭,
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଲୋଘର,ଖଲ୍ଲିକୋଟ
୨



ଦିନେଶ ନାୟକ
କ୍ଲାସ-୮,ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ୍,
ଭବାନୀପାଟଣା
୩

ସୁପ୍ରିୟା ସେନାପତି
କ୍ଲାସ-୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ଶବରସାହି,
ରସୁଲଗଡ
୪



ସ୍ମିତା ମିଶ୍ର
କ୍ଲାସ-୫,
ସେଣ୍ଟ ଜାଭିୟର ହାଇସ୍କୁଲ୍,
କେଦାରଗୌରୀ,
ଭୁବନେଶ୍ୱର
୫

ଆଦର୍ଶ ପାଟ୍ଟଶାଣୀ
କ୍ଲାସ-୩,
ଡି.ଏ.ଭି ପବ୍ଲିକ୍ ସ୍କୁଲ୍,ପୋଖରୀପୁଟ,
ଭୁବନେଶ୍ୱର
୬




ଦୀପ୍ ଶର୍ମା
କ୍ଲାସ-୮,ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ୍,
ଭବାନୀପାଟଣା
୭

ସାଇନା ମହାସୁଆର
କ୍ଲାସ-୫,ସେଣ୍ଟ ଜାଭିୟର ହାଇସ୍କୁଲ୍,
କେଦାରଗୌରୀ,
ଭୁବନେଶ୍ୱର
୮



ଡି.ଏନ୍. ଦିବ୍ୟା
କ୍ଲାସ-୮,
ବ୍ଲକ୍ କଲୋନୀ ୟୁପି ସ୍କୁଲ୍,
ଜି. ଉଦୟଗିରି
କନ୍ଧମାଳ
୯

ସତ୍ୟମ୍ ଷଡଙ୍ଗୀ
କ୍ଲାସ-୫,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଟାଙ୍ଗୀ,
କଟକ
୧୦

## ଆସ ଦେବୀ ସରସ୍ୱତୀ

ମାଘ ମାସର ଏ ଶୁକ୍ଳ ପଞ୍ଚମୀ
ଶିରୀପଞ୍ଚମୀ ଦିନ
ପୂଜା, ଅରଚନା କରି ପିଲାମାନେ
ମାଗିବେ ବିଦ୍ୟା ଧନ ।
ବିଦ୍ୟାଳୟଟି ମନ୍ଦିର ସମ
ତୋରଣେ ସଜାଇ ଦେଇ
ବାଗ୍‌ଦେବୀଙ୍କୁ ମାଗି ଧନ୍ୟହେବେ
ଭଲ ପାଠ ଦେବା ପାଇଁ ।
ଜ୍ଞାନ ବିନା ଧନ କିବା ପ୍ରୟୋଜନ
ହୁଅଇ ତାହା ବ୍ୟର୍ଥ
ସରସ୍ୱତୀଙ୍କ ଆଶିଷ ଲଭିଲେ
ହେବା ମହା ପଣ୍ଡିତ ।
ସିଏ ବାଗ୍‌ମୟୀ, ସିଏ ଚିନ୍ମୟୀ
ସିଏ ଦେବୀ ବିଦ୍ୟାର
କବି ଓ ଲେଖକ ଲେଖନୀ ଚାଳନା
କରନ୍ତି ପୂଜି ପୟର ।
ଗଳେ ଲମ୍ବାଇ ମୁକୁତାର ହାର
ଆଭାମୟ କଳେବର
ମାଗନ୍ତି ପିଲେ ବତାଇ ଦିଅ ମା'
ବାଟ, ଭଲ ପଢ଼ିବାର ।
ବରଷକେ ଥରେ କରୁ ତୁମ ପୂଜା
ଆମ ବିଦ୍ୟା ମନ୍ଦିରେ
ତୁମ ଛବି ମା' ଚିର ଝଳମଳ
କୋଟି ଛାତ୍ର ଅନ୍ତରେ ।

– ଅଧ୍ୟାପକ ବିଷ୍ଣୁ ମୋହନ
ଏ/୫୮, କ୍ରିଷ୍ଣା ଗାର୍ଡେନ୍-୨, ଖଣ୍ଡଗିରି, ଭୁବନେଶ୍ୱର

## କବିତା

## ସରସ୍ୱତୀ ପୂଜା

ବରଷକେ ଥରେ ଆସେ ସରସ୍ୱତୀ ପୂଜା
ସ୍କୁଲ କଲେଜରେ ଆମ ହୁଅଇ ମଜା ।
ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି
ସରସ୍ୱତୀଙ୍କୁ ପୂଜି କରୁ ଅତିଥି ।
ଘର ବିଦ୍ୟାଳୟ ସବୁ ସଜାଇଥାଉ
ନାନା ଜାତି ଫୁଲ ତୋଳି ମାଳକୁ କରୁ ।
କଦଳୀ ନଡ଼ିଆ ଲଡୁ ଭୋଗ ସଜାଡୁ
ପୁଷ୍ପାଞ୍ଜଳି ଦେଇସାରି ପ୍ରାର୍ଥନା କରୁ ।
ବିଦ୍ୟାଦାତ୍ରୀଙ୍କର ଆମେ ଆଶିଷ ନେଉ
ଭୋଜିରନ୍ଧା ହୋଇଥାଏ ବଡ଼ ଯତ୍ନରେ
ଧାଡ଼ିବାନ୍ଧି ବସି ଖାଉ ଅତି ଖୁସିରେ
ଏଇବର୍ଷ ପଡୁଅଛି ରବିବାରରେ
ବିଦ୍ୟାଳୟ ପଢ଼ାକାଳେ ଆନନ୍ଦ ଥାଏ
ପଢ଼ା ସରିଗଲେ ସବୁ ସୁଖ ନ ଥାଏ ।
ଭାବୁଥାଉ କେବେ ପୂଜା ଆସିବ ପୁଣି
ପୂଜିବୁ ହେ ମାଆ ଆମେ ମାଗି ମାଗୁଣି ।

– ପ୍ରତିମାରାଣୀ ମିଶ୍ର
ଏଲ୍/୨୭୨, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର



# କହିବ ବିଚାରି

ଛଅ ଅକ୍ଷରେ କହିବ ବିଚାରି,
ବରଷକେ ଥରେ ଯାତରା କରି ।
ପତିତପାବନ ରଥରେ ଆସି,
ନବଦିନ ଯାତ୍ରା କରନ୍ତି ମିଶି ।
ଆଡ଼ପ ଦର୍ଶନ କରିଲେ ଥରେ,
ମୁକ୍ତି ମିଳେ ହିନ୍ଦୁ ଶାସ୍ତ୍ର ବିଚାରେ ।



**ଉତ୍ତର: ଗୁଣ୍ଡିଚା ମନ୍ଦିର**



ଚାଷୀ ଚାଷ ଦ୍ରବ୍ୟ କିଣିବା ପାଇଁ,
ଗୋଳା ପରିବର୍ତ୍ତେ ଏ ସ୍ଥାନ ଯାଇ ।
ସରକାରୀ ଦରକାରୀ କାଗଜ
ଦାଖଲ କଲେ ବିକିବା ସହଜ ।
ପଞ୍ଚାୟତରେ ମୁକ୍ତାକାଶ
ଗୋଦାମ ଖୋଲିଛି ଦେଖିବ ଆସ ।
ସରକାରୀ ବାବୁ ଧରନ୍ତି ଦଣ୍ଡି
ଦଲାଲ ବିଚରା ମାରନ୍ତି ହେଣ୍ଡି ।

**ଉତ୍ତର: ମଣ୍ଡି**

ଏବେ ଚାଲିଛି ପର୍ବ ମନୋରଞ୍ଜନ
କରି ପରିବେଶ ବେଶ୍ ଲୁଣ୍ଠନ
ଚୁଲି ଖଲି ଭଙ୍ଗା କାଚ ବୋତଲ
ଅଥବା ବଜାରେ ପୂର୍ଣ୍ଣ ଅଞ୍ଚଳ
କାହିଁ କେତେ ଦୂର ଆସନ୍ତି ଧାଇଁ,
କରନ୍ତି ମୌଜ ନନ୍‌ଭେଜ ଖାଇ ।
ନାହିଁ ଧାରଣା ଜ୍ଞାନ ସ୍ଥାନ ମହିମା,
କେହି ସଫା ଧ୍ୟାନ ନ ଦେଇ ଜମା ।
ମୌଜ ମସ୍ତିରେ ବ୍ୟସ୍ତ ସକଳ
ପଛରେ ଆସିବା ଦଳ କଲବଲ ।



**ଉତ୍ତର: ପରିଭ୍ରମଣ**

– ରମାକାନ୍ତ ପୁରୋହିତ, ନିରାକାରପୁର, ଖୋରଧା

## ଆସ ଜାଣିବା



### ମା' ସରସ୍ୱତୀଙ୍କ ବିଭିନ୍ନ ନାମ

- ହଂସ ବାହିନୀ
- ଶାରଦା
- ବାଗୀଶ୍ୱରୀ
- କୁମୁଦୀ
- ବୁଦ୍ଧିଦାତ୍ରୀ
- ଚନ୍ଦ୍ରକାନ୍ତି
- ମହାମାୟା
- ପଦ୍ମନିଳୟ
- ଶ୍ରୀପଦା
- ସୁଭାଷିନୀ
- ଶାସ୍ତ୍ରରୂପିଣୀ
- ଜ୍ଞାନଦାୟିନୀ


## ଏଥରର ପ୍ରଶ୍ନ

- ସରସ୍ୱତୀ ପୂଜା କେଉଁ ତିଥିରେ ପାଳନ କରାଯାଏ ?
- ସରସ୍ୱତୀ ପୂଜା ଆଉ କେଉଁ ନାମରେ ଖ୍ୟାତ ?
- ବିଦ୍ୟା, ବୁଦ୍ଧି, ଜ୍ଞାନ ଏବଂ ସଙ୍ଗୀତର ଦେବୀ ଭାବେ କାହାଙ୍କୁ ଆରାଧନା କରାଯାଏ ?
- ମା' ସରସ୍ୱତୀଙ୍କ ହାତରେ କେଉଁ ବାଦ୍ୟଯନ୍ତ୍ର ଶୋଭାପାଏ ?
- ସରସ୍ୱତୀଙ୍କ ବାହନ କିଏ ?

## ଆରଥରର ଉତ୍ତର

- ପାରଦ
- ଗ୍ରାଫାଇଟ୍
- ନାଇଟ୍ରୋଜେନ
- ସୂର୍ଯ୍ୟ
- ହାଇଡ୍ରୋଜେନ

## ସୃଜନାତ୍ମକ କଳା







ବିଜ୍ଞାନ କଥା





# ବିଜ୍ଞାନରେ ପୋଥିବାଇଗଣ ଓ ବାଡ଼ିବାଇଗଣ

– ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମେ କଥାରେ କହୁ ଯେ’ ପୋଥିବାଇଗଣ ଓ ବାଡ଼ିବାଇଗଣ ଭିତରେ ଅନେକ ଫରକ ରହିଛି। ବାଡ଼ିବାଇଗଣର ବ୍ୟାବହାରିକ ମୂଲ୍ୟ ଥିଲାବେଳେ ପୋଥିବାଇଗଣର ତାହା ନାହିଁ। ପ୍ରାଥମିକ ଅବସ୍ଥାରେ ତାତ୍ତ୍ୱିକ ବିଜ୍ଞାନ ହେଉଛି ପୋଥିବାଇଗଣ ଏବଂ ତାକୁ ବାଡ଼ିବାଇଗଣରେ ପରିଣତ ନ କରି କେଉଁଠି ପ୍ରୟୋଗ କରାଯାଇ ପାରିବ ନାହିଁ। ଅର୍ଥାତ୍ ତାହାକୁ ବାରମ୍ବାର ପରୀକ୍ଷା ନିରୀକ୍ଷା କରି ବ୍ୟବହାରକୁ ଆଣିବା ଦରକାର। ନ ହେଲେ ଫଳାଫଳ ଭୟାନକ ହୋଇପାରେ।

ଇଂଲଣ୍ଡର ‘ଫିରଥ୍ ଅଫ୍ ଟୟ’ ଉପରେ ଆଗେ ପୋଲଟିଏ ଥିଲା। ଝଡ଼ ଯୋଗୁ ୧୮୭୯ ମସିହାରେ ତାହା ଭୁଶୁଡ଼ି ପଡିଲା। ସେତେବେଳେ ତା’ ଉପରଦେଇ ଯାଉଥିବା ଏକ ରେଳଗାଡ଼ି ଯାତ୍ରୀମାନଙ୍କ ସହିତ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା। ଏହାର କାରଣ ଥିଲା ବ୍ୟାବହାରିକ ଜ୍ଞାନ ଅପେକ୍ଷା ତାତ୍ତ୍ୱିକ ଜ୍ଞାନକୁ ଅଧିକ ଗୁରୁତ୍ୱ ଦେଇ ପୋଲଟିକୁ ନିର୍ମାଣ କରିବା।

ଦୁର୍ଘଟଣା ଘଟିଲା ପରେ କାରଣ ଅନୁଧ୍ୟାନ ପାଇଁ ତଦନ୍ତ କମିଟି ଗଠନ କରାଗଲା। ତହିଁରୁ ଜଣାପଡିଲାଯେ, ଡିଜାଇନ୍‌ରେ ବାୟୁର ଅଧିକ ପାର୍ଶ୍ୱିକ ଚାପ ସହିବା ପାଇଁ ଯଥେଷ୍ଟ ବ୍ୟବସ୍ଥା ନ ଥିବାରୁ ଏପରି ଘଟିଲା। ପୋଲଟିକୁ ଡିଜାଇନ କରିଥିଲେ ସେ ସମୟର ପ୍ରସିଦ୍ଧ ଇଞ୍ଜିନିୟର ସାର୍ ଥୋମାସ୍ ବୋଉଚ୍। ତାଙ୍କୁ ଏହାର କାରଣ ପଚରାଗଲା। ସେ ନିଜେ ମଧ୍ୟ ଡିଜାଇନରେ ଏ ପ୍ରକାର ତ୍ରୁଟି ଥିବାର ସମ୍ଭାବନା କଥା ଆଗରୁ ମନେ କରୁଥିଲେ। ସେହି ଅନୁସାରେ ସେ ତାକୁ ବଦଳାଇବାକୁ ସ୍ଥିର କରିଥିଲେ। ହେଲେ, ତାଙ୍କ ସହିତ ସେ ସମୟର ସୁବିଖ୍ୟାତ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ସାର୍ ଜର୍ଜ ଏଇରେ ଏକମତ ହେଲେ ନାହିଁ। ସେ ତାତ୍ତ୍ୱିକ ଗଣନା କରି କହିଲେ ଯେ, ପୋଲ ଭଳି ଏକ ସମତଳ ପୃଷ୍ଠଭୂମି ଉପରେ ଅତି ବେଶିରେ ବର୍ଗଫୁଟ ପ୍ରତି ୧୦ ପାଉଣ୍ଡରୁ ଅଧିକ ବାୟୁଚାପ ପଡ଼ିପାରିବ ନାହିଁ। ଅନ୍ୟପକ୍ଷରେ, ବୋଉଚ୍ ତାହା ୩୪ ପାଉଣ୍ଡ ପର୍ଯ୍ୟନ୍ତ ହୋଇପାରେ ବୋଲି ମନେ କରୁଥିଲେ। ତେବେ ଏଇରେଙ୍କୁ ଅତି ଉଚ୍ଚକୋଟୀର ଅଭିଜ୍ଞ ବୈଜ୍ଞାନିକ ବୋଲି ମନେ କରାଯାଉଥିଲା। ତେଣୁ ତାଙ୍କ ପରାମର୍ଶଟି ରହିଲା। ସେହି ଅନୁସାରେ ଡିଜାଇନ୍ ହୋଇ ତିଆରି ହେଲା ପୋଲଟି। ଫଳରେ ପରିଣାମ ହେଲା ଅତି ଗୁରୁତର।

ଏଇରେ ଥିଲେ ଜଣେ ତାତ୍ତ୍ୱିକ ବୈଜ୍ଞାନିକ। ତାଙ୍କ ତତ୍ତ୍ୱଗୁଡିକ ଥିଲା ଉଚ୍ଚକୋଟୀର। ତେବେ ପୋଲ ତିଆରିରେ ତାଙ୍କର ସେମିତି କିଛି ପ୍ରାୟୋଗିକ ଜ୍ଞାନ ବା ଅନୁଭୂତି ନ ଥିଲା। ଏଣୁ ତାଙ୍କ କଥାକୁ ଗ୍ରହଣ କରିଥିବାରୁ ବୋଉଚ୍ ଅନେକ ପଶ୍ଚାତ୍ତାପ କଲେ। ନିଜେ ଠିକ୍ ଭାବୁଥିବା ଜିନିଷଟି ବଦଳରେ ଯେତେବଡ଼ ହେଲେ ବି ଅନ୍ୟ ଜଣଙ୍କ ମତକୁ ବିନା ପରୀକ୍ଷାରେ ଆଉ କେବେ ଗ୍ରହଣ କରିବେ ନାହିଁ ବୋଲି ମନେ ମନେ ଶପଥ ନେଲେ।

ଇତିମଧ୍ୟରେ ଦୁର୍ଘଟଣା ପାଇଁ ଲୋକେ ଦାୟୀକଲେ ଏଇରେଙ୍କୁ। ହେଲେ, ସେ ଦୋଷ ମାନିଲେ ନାହିଁ। ସେ ଓଲଟି କହିଲେ– ‘‘ଶାସ୍ତ୍ରରେ ଯାହା ଅଛି, ମୁଁ ତାହା ଗଣନା କରି କହିଲି। ଏଥିରେ ମୋ’ର ଭୁଲ ରହିଲା କେଉଁଠି ?’’

ଅନ୍ୟପକ୍ଷରେ, ଏଥିପାଇଁ ନିଜଆଡୁ ନିଜେ ମୁଣ୍ଡକୁ ଦୋଷ ନେଲେ ବୋଉଚ୍। ସେ କହିଲେ– ‘‘ ବିଜ୍ଞାନ ତତ୍ତ୍ୱ ପ୍ରୟୋଗ ଆଗରୁ ପରୀକ୍ଷାସିଦ୍ଧ ହେବା ଉଚିତ। ଏଣୁ ଏଇରେଙ୍କ ତତ୍ତ୍ୱକୁ ଉଚିତ ମୁତାବକ ପରୀକ୍ଷାନିରୀକ୍ଷା ନ କରି ଗ୍ରହଣ କରିନେବା ମୋର ଏକ ମାରାତ୍ମକ ଭୁଲ।’’

*– ଉଷା ନିବାସ, ୧୨୪/୨୪୪୫,*
*ଖଣ୍ଡଗିରି ବିହାର, ଭୁବନେଶ୍ୱର*

## ଜଣା ଅଜଣା

✲ ନୀଳ ସ୍ୟାହିରେ ଲେଖାଯାଇଥିବା ବାକ୍ୟ ବା ଶବ୍ଦ ଶୀଘ୍ର ମନେ ରୁହେ ବୋଲି ଗବେଷଣାରୁ ଜଣାଯାଇଛି।





✲ ଯୁକ୍ତରାଷ୍ଟ୍ର ଆମେରିକାରେ ସବୁଠାରୁ ଅଧିକ ସଂଖ୍ୟକ ଗୃହପାଳିତ କୁକୁର ରହିଥିବାର ରେକର୍ଡ କରାଯାଇଛି।



✲ ମନୁଷ୍ୟଙ୍କ ଭଳି ଡଲଫିନଙ୍କ ସ୍ମରଣ ଶକ୍ତି ଖୁବ୍ ପ୍ରଖର। ଏମାନେ ଅନେକ ଦିନରୁ ବିଚ୍ଛିନ୍ନ ହୋଇଯାଇଥିବା ନିଜ ସାଥୀଙ୍କ ଡାକକୁ ଅତି ସହଜରେ ଜାଣି ପାରନ୍ତି।

✲ ୧୯୭୩ ମସିହାରେ ମୋଟୋରୋଲା କମ୍ପାନୀର ପୂର୍ବତନ ପରିଚାଳକ ମାର୍ଟିନ କୋପରଙ୍କ ଦ୍ୱାରା ସର୍ବପ୍ରଥମ ମୋବାଇଲ କଲ୍ କରାଯାଇଥିଲା।



✲ ପୃଥିବୀର ସର୍ବବୃହତ ବୁଢ଼ିଆଣୀ ଟାରାଣ୍ଟୁଲାର କିଛି ପ୍ରଜାତି ପ୍ରାୟ ୨ ବର୍ଷ ପର୍ଯ୍ୟନ୍ତ ନ ଖାଇ ବଞ୍ଚିପାରନ୍ତି।



# ଆଇନା



ପ୍ରତ୍ୟୁଷା
୫ ବର୍ଷ

ଆୟୁଷ୍ମାନ୍
୯ ବର୍ଷ



ଆଦ୍ୟା
୮ ବର୍ଷ

